କାବ୍ୟକୃତି - ପୁନଶ୍ଚ

ସୂର୍ଯ୍ୟୋଦୟ

କବି ରଘୁନାଥ ଦାସ

ବିଷାଦ-ଜଡ ନିଘୋଡ଼ ରାତି,

ନିଶାଦୁଁ ବଳି କଠିନ ଛାତି ।

□□□□ □□□□ □□□□□□ □□□□ ।

କାଟି ସେ ବ୍ୟୁହ ପୋଛି ତୋ ଲୁହ

ଆସିବ ସେ ତ ଆସିବ ନିଶ୍ଚେ;

ଲାଲଟହ ଟହ ସୂର୍ଯ୍ୟ ସିଏ ॥

ରାତି ତ ଏବେ କଜଳ ଗାଢ଼,

ଦିଶେନା କାହିଁ ଉଜାଲା ଗାର;

କାହିଁରେ କାହିଁ ସୁନା ସକାଳ?

ଏହାରି ପରେ ଉଦୟ ତାର

କାଳିଆରାତି ଛାତିକି ଚିରି;

ଲାଲ ଟହ ଟହ ସୂର୍ଯ୍ୟ ସିଏ ॥

ଏହାରି ପରି ହୁଏ ତ ଭୋର;

www.jatayu.org

ସୂର୍ଯ୍ୟୋଦୟ

କବି ରଘୁନାଥ ଦାସ

ପାହାଁତି ବେଳା ଅମାର ଜୋର;

ହେବନି ମିଛ ଭରସା ତୋର;

ଆସିବ ସିଏ ଆସିବ ଥୟ,

ବିଜୟଟୀକା ମଥାରେ ଘେନି;

ଲାଲ ଟହ ଟହ ସୂର୍ଯ୍ୟ ସିଏ ॥

ଫୁଟିବ ପୁର୍ବେ ରକ୍ତଜବା

ବିଛୁଡି ଦେବ ସ୍ୱର୍ଣ୍ଣ ଆଭା

ସକଳ ଖେତେ ବିପୁଳ ଶୋଭା

ଭୁବନ ପରି ଆଲୋକ ସୁଏ,

ଜୀବନ ରସେ ଭସାଇ ନେବ,

ଲାଲ ଟହ ଟହ ସୂର୍ଯ୍ୟ ସିଏ ।

ଅନ୍ଧ ଦୁର୍ଗେ ଅଗ୍ନିଜାଳି

ବୈରୀ ରକ୍ତେ ଖେଳିବ ହୋରି;

www.jataayu.org

ସୂର୍ଯ୍ୟୋଦୟ

କବି ରଘୁନାଥ ଦାସ

ନିଶାର ଶେଷ ଉଷା କୁଆଁରୀ

ଆଲୋକମୟ ଅଭ୍ୟୁଦୟ

ରୋଧିବ କିଏ, ରୋକିବ କିଏ?

ଲାଲ ଟହ ଟହ ସୂର୍ଯ୍ୟ ସିଏ ॥

କିରଣେ ଯାର ତନ୍ଦ୍ରା ତୁଟେ,

ଚରଣେ ଯାର ପଦ୍ମ ଫୁଟେ,

ଦୀପ୍ତିରେ ଯାର ସୁପ୍ତି କଟେ

ପୃଥ୍ୱୀଭରି ଶକ୍ତି ଦିଏ,

ସ୍ୱାଗତ ଯାର କଣ୍ଠେ ଉଠେ

ଲାଲ ଟହ ଟହ ସୂର୍ଯ୍ୟ ସିଏ ॥

ପୂରୁବ ଦିଗ ଫରସା ଦିଶେ;

ଦେଖରେ ଦେଖ କିଏ ସେ ଆସେ-

ଉଡ଼ାଇ ଫଗୁ ନୀଳ ଆକାଶେ,

www.jatayu.org

ସୂର୍ଯ୍ୟୋଦୟ

କବି ରଘୁନାଥ ଦାସ

ଉଠରେ ଉଠ ଶୋଇଛି ଯିଏ

ଅନାରେ ଅନା ରକ୍ତବାନା

ଲାଲ ଟହ ଟହ ସୂର୍ଯ୍ୟ ଉଁଏ ।

ଶୌର୍ଯ୍ୟ ଭରା ସୂର୍ଯ୍ୟ ସିଏ,

ବୀର୍ଯ୍ୟ ଭରା ସୂର୍ଯ୍ୟ ସିଏ,

ଆଗାମୀ ଦିନ ଇସାରା ଦିଏ ॥

www.jataayu.org